# Inauguration of Web Portal of
# “Odisha Agro Industries Corporation”



**Dr. Arun Kumar Sahoo, Hon'ble Minister of Agriculture and Farmers’ Empowerment, Govt. of Odisha** inaugurated the web portal of OAIC (https://odishaagro.nic.in) on 20th September, 2021 at Krushi Bhawan, Odisha in presence of Sri Debashis Mohanty, Chairman, OAIC, Shri Raj Kumar Sharma, IAS, Agriculture Production commissioner (APC), Mrs. Kabita Roy Das, DDG & SIO, NIC, Odisha, Shri Suresh Kumar Vashishth, IAS, Commissioner-cum-Secretary of Agriculture & FE, Sri Sadananda Nayak, IAS, MD OAIC, Dr. M Muthu Kumar, IAS, Director Agriculture & FP and Directors Horticulture and Soil Conservation.

The web portal enables the farmers to know about different schemes like cluster based river lift irrigation details, schemes relating to farm implements like tractors, combine harvesters, pump sets with different horse power ratings. This is a single window portal with links to different online systems of the Corporation developed by NIC, Odisha. This web portal includes information about all the activities of OAIC i.e. to execute various subsidized schemes of the Department of Agriculture, Govt. of Odisha meant for the farming community of the State at their door step in connection with farm mechanization, inputs & Lift Irrigation Points through online portal.




This open source CMS based web portal has been developed by Agriculture Group, NIC, Odisha headed by Mrs. Sarita Sahoo, STD along with Shri Ashok Kumar Behera, TD and Sri Niladri Bihari Mohanty, SSA under the guidance of Mrs. Kabita Roy Das , DDG & SIO, Odisha.

## *Press Clipping*



# ମହାମାରୀ ପରଠାରୁ ଯୁବପିଢ଼ି କୃଷିମୁହାଁ ହୋଇଛନ୍ତି: ମନ୍ତ୍ରୀ

▶▶ ଉଦ୍‌ଘାଟିତ ହେଲା ଓଏଆଇସି ୱେବସାଇଟ୍
▶▶ ଆରମ୍ଭ ହେଲା ୧୨ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ
▶▶ ଶିକ୍ଷିତ ବେରୋଜଗାରଙ୍କୁ ଦିଆଯିବ ତାଲିମ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଗତିଶୀଳ ରାଜ୍ୟ। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଦୂରଦୃଷ୍ଟି ପାଇଁ ଓଡ଼ିଶା ବିଗତ ବର୍ଷମାନଙ୍କରେ କୃଷି କ୍ଷେତ୍ରରେ ଜାତୀୟସ୍ତରରେ ଅନେକ ପୁରସ୍କାର ହାସଲ କରିଛି। ଖାଲି ସେତିକି ନୁହେଁ ମହାମାରୀ ପରଠାରୁ ଯୁବପିଢ଼ି କୃଷି ଆଡ଼କୁ ମୁହାଁଇଛନ୍ତି। ଯେଉଁ କ୍ଷେତ୍ରକୁ ମଣିଷ ମୁହଁ ମୋଡ଼ିଥିଲା, ସେହି କ୍ଷେତ୍ରକୁ ଏବେ ଭଲ ପାଇଲେଣି। ସେଥିପାଇଁ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଓ ଦକ୍ଷତା ବିକାଶ ଜରିଆରେ ଆମେ କୃଷି କ୍ଷେତ୍ରରେ ଶୀର୍ଷ ସ୍ତରକୁ ପହଞ୍ଚିପାରିବା ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି।

'ବେରୋଜଗାର ଓ ଶିକ୍ଷିତ ଯୁବକଙ୍କ ଦକ୍ଷତା ବୃଦ୍ଧି' କାର୍ଯ୍ୟକ୍ରମ ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମର ୱେବସାଇଟ୍ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଡ. ସାହୁ ଯୋଗଦେଇ କହିଥିଲେ, ବର୍ତ୍ତମାନ କୃଷି କ୍ଷେତ୍ରରେ ସବୁଠୁ ଅଧିକ ନିଯୁକ୍ତି ସୁଯୋଗ ରହିଛି। ନିଜର ଜ୍ଞାନ ଓ ଦକ୍ଷତା ବୃଦ୍ଧି ସହ ଶିକ୍ଷିତ ଯୁବକଯୁବତୀ ନିଜ ଅଞ୍ଚଳରେ ଅର୍ଥ ଉପାର୍ଜନ ସହ ସମ୍ମାନରେ ଜୀବନ ଜିଇଁ ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାମରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ପାୱାର ଟିଲର, ପମ୍ପ, ଧାନକଟା ଯନ୍ତ୍ର ଓ ଯନ୍ତ୍ରଚାଳିତ ୱିଡର ଯନ୍ତ୍ରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟର ବେରୋଜଗାର ଏବଂ ଶିକ୍ଷିତ ଯୁବକଙ୍କ ପାଇଁ ସୋମବାର ଭୁବନେଶ୍ୱରଠାରେ ୧୨ଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୫ଟି ବ୍ୟାଚ୍‌ରେ ୧୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ। ବହୁ ସମୟରେ ଦେଖାଯାଉଛି କୃଷି ଯନ୍ତ୍ରପାତିଗୁଡ଼ିକ ବର୍ଷକ ପରେ ଟିକେ ଖରାପ ହେବା ଆରମ୍ଭ ହେଉଛି। ଏହି ଟ୍ରେନିଂ ଦ୍ୱାରା ତାଲିମପ୍ରାପ୍ତ ଯୁବକମାନେ କୃଷି ଯନ୍ତ୍ରପାତି ଗାଁଗହଳିରେ ସଜାଡ଼ିବା ସହ ଏମାନେ ମଧ୍ୟ ସାଇଡ୍ ରୋଜଗାର ପାଇପାରିବେ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କୃଷି ଓ କୃଷି ଯନ୍ତ୍ରପାତି କ୍ଷେତ୍ରରେ ଅଧିକ ତାଲିମ କାର୍ଯ୍ୟକ୍ରମ ସହ ଶିକ୍ଷିତ ତାଲିମପ୍ରାପ୍ତ ମାନବ ସମ୍ବଳର ଏକ ଡାଟାବେସ୍ ପ୍ରସ୍ତୁତକୁ ଗୁରୁତ୍ୱ ଦେଇଥିଲେ। ଉପଦେଷ୍ଟା କୃତିବାସ ପାତ୍ର ତାଲିମ ନେବାକୁ ଆସିଥିବା ଯୁବକଙ୍କୁ ନିଷ୍ଠା ଓ ଆନ୍ତରିକ ଉଦ୍ୟମ ଦ୍ୱାରା କଠିନ କାର୍ଯ୍ୟକୁ ସଫଳ କରିହେବ ବୋଲି ପରାମର୍ଶ ଦେଇଥିଲେ। କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ରାଜ୍ୟ ସରକାର ଓ ନିଗମ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ରିହାତି ମୂଲ୍ୟରେ ଦିଆଯାଉଥିବା ବିଭିନ୍ନ କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ଦକ୍ଷ ମାନବସମ୍ବଳର ଆବଶ୍ୟକ ଥିବାରୁ ତାଲିମ କାର୍ଯ୍ୟକ୍ରମ ବେଶ୍ ଉପଯୋଗୀ ବୋଲି କହିଥିଲେ।। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାଙ୍କବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ରଞ୍ଜନା ପଣ୍ଡାଙ୍କ ସମେତ ରାଜ୍ୟ ଉଦ୍ୟାନ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ, କୃଷି ମୁଖ୍ୟଯନ୍ତ୍ରୀ ଓ ନିଗମର ଅଧିକାରୀ ଉପସ୍ଥିତ ଥିଲେ।